
ସାମାଜିକ ନାଟକ

# ଦରବାର





ରଚନା : ଡା: ଧନେଶ୍ୱର ସାହୁ
ଏମ.ବି.ବି.ଏସ.ଏମ.ଏସ

ସାମାଜିକ ନାଟକ

# ଦରବାର

ରଚନା

ଡା: ଧନେଶ୍ୱର ସାହୁ

ଏମ.ବି.ବି.ଏସ.ଏମ.ଏସ.

ପ୍ରକାଶକ

ଆମରି ସତ୍ୟ

# ଦରବାର

**ରଚନା :** ଡାକ୍ତର ଧନେଶ୍ୱର ସାହୁ
**ସର୍ବସ୍ୱତ୍ତ୍ୱ ଅଧିକାରୀ :**ବିଜୟଲକ୍ଷ୍ମୀ ସାହୁ
**ପ୍ରଥମ ସଂସ୍କରଣ : ୨୦୨୦**
**ପ୍ରକାଶକ:** ଆମରିସତ୍ୟ, ଏମ୍‌-୧/୫, ମୁକୁନ୍ଦପ୍ରସାଦ ହାଉସିଂବୋର୍ଡ କଲୋନୀ, ଡାକ: ପି.ଏନ୍‌ କଲେଜ, ଜିଲ୍ଲା: ଖୋରଧା, ପିନ୍‌: ୭୫୨୦୫୭
**ମୁଦ୍ରଣ:** ପ୍ରତିଭା ପ୍ରଣ୍ଟର୍ସ, ୟୁନିଟ୍‌-୯, ଭୁବନେଶ୍ୱର
**ମଲାଟ ପରିକଳ୍ପନା ଓ ଅଳଂକରଣ :** ରାଜୀବ ଲୋଚନ ରଥ
**ଲେଖକଙ୍କ ଠିକଣା :** ନୟାଗଡ଼ ରୋଡ ଖୋରଧା, ଚଣ୍ଡିଚୁଆ ପାଖ, ପୋ / ଜି : ଖୋରଧା-୭୫୨୦୫୫
**ଦୂରଭାଷ**:୯୪୩୭୧୦୭୬୧୩

*Darabar*
Written by: *Dr Dhaneswar Sahoo*
c *: Bijayalaxmi Sahoo*
*1st Edition : 2020*
**Published by:**
AMARISATYA
M-1/5, M. P. Housing Board Colony .
PO: P.N.College, Dt: Khordha-752057 .Odisha
amarisatya@gmail.com/amarisatya@rediffmail.com
06755-220980
--------------------
Printed at:
PRATIVA PRINTERS
Unit -9, Bhubaneswar
--------------------
*Address of the Author -*
*Nayagarh Road khordha Near Chandichua*
*Post/Dist : Khordha-752055*
*Mob. :9437107613*

**ISBN 978-93-85900-44-0**

ମୂଲ୍ୟ: ୫୦.୦୦ ଟଂକା / **Price: ₹ 50.00**

# ଦରବାର

## ସାମାଜିକ ନାଟକ

ରଚନା :- ଡା: ଧନେଶ୍ୱର ସାହୁ
ଏମ.ବି.ବି.ଏସ.ଏମ.ଏସ

ଶ୍ରେଷ୍ଠାଂଶେ

ପୁରୁଷ
ଯମ
ଚିତ୍ରଗୁପ୍ତ
ନାରଦ

ସ୍ତ୍ରୀ
ବିଉଟି - ବୟସ - ୨୫

୨୫.୮.୨୦୧୯(ସକାଳ) – 'ଆମରି ସତ୍ୟ' ବାର୍ଷିକ ଉତ୍ସବରେ ଖୋରଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ମୈତ୍ରୀ ଭବନରେ ଆନ୍ଦୋଳନ ନାଟ୍ୟ ସଂସ୍ଥା ଖୋରଧା ଦ୍ୱାରା ମଞ୍ଚସ୍ଥ ।

| | |
|---|---|
| **ପୁରୁଷ ଚରିତ୍ର** | **କଳାକାର** |
| ଯମରାଜ | ଆଶୁତୋଷ ପଟ୍ଟନାୟକ |
| ଚିତ୍ରଗୁପ୍ତ | ରାକେଶ ପାତ୍ର |
| ନାରଦ | ଅନିଲ ପରିଡ଼ା |
| **ନାରୀ ଚରିତ୍ର** | |
| ବିୟୁଟି | : ଶର୍ମିଷ୍ଠା ରାଉତରାୟ |
| ସଂଗୀତ ପରିଚାଳନା | : ସଂଜୀବ କୁମାର ନାୟକ |
| ମଞ୍ଚ ଓ ରୂପସଜ୍ଜା | : ରଣଜିତ ଜଗଦେବ୍ |
| ସହଯୋଗ | : ରିଣ୍ଟୁ ଜେନା, ମନୋଜ କୁମାର ବେହେରା, ସୋନାଲୀ ସାହୁ ଓ ସସ୍ମିତା ପଣ୍ଡା |
| ଉପସ୍ଥାପନା | : ଆନ୍ଦୋଳନ, ଖୋର୍ଦ୍ଧା |
| ନିର୍ଦ୍ଦେଶନା | : ସନ୍ତୋଷ କୁମାର ମହାନ୍ତି |

୨୫.୮.୨୦୧୯ – ଫେଡକୋ ଖୋରଧା ଶାଖା ଯାଆଁଳା ଦ୍ୱାରା ପବିତ୍ର ରୟାଲସଂଧ୍ୟା ରିଜେନସି ହଲ୍ ପଟିଆ ଭୁବନେଶ୍ୱରରେ ମଞ୍ଚସ୍ଥ।

ଅଭିନୟରେ---

| | |
|---|---|
| **ପୁରୁଷ ଚରିତ୍ର** | **କଳାକାର** |
| ଯମରାଜ | ସରୋଜ କୁମାର ମହାନ୍ତି |
| ଚିତ୍ରଗୁପ୍ତ | ବିମ୍ବାଧର ପ୍ରଧାନ |
| ନାରଦ | ସିଦ୍ଧାର୍ଥ ସାହୁ |
| **ନାରୀ ଚରିତ୍ର** | |
| ବିୟୁଟି | ସୁଭଦ୍ରା ବଡ଼ଜେନା |
| ସଂଗୀତ ପରିଚାଳନା | : ସଂଜୀବ କୁମାର ନାୟକ |
| ମଞ୍ଚ ଓ ରୂପସଜ୍ଜା | : ରଣଜିତ ଜଗଦେବ୍ |
| ଉପସ୍ଥାପନା | : ଆନ୍ଦୋଳନ, ଖୋର୍ଦ୍ଧା |
| ନିର୍ଦ୍ଦେଶନା | : ସନ୍ତୋଷ କୁମାର ମହାନ୍ତି |

# ସାରାଂଶ

ନିକଟରେ ସରିଯାଇଥାଏ ୨୦୧୯ର ସାଧାରଣ ନିର୍ବାଚନ । କେତେ ଯୋଜନା, କେତେ ପ୍ରତିଶ୍ରୁତି, କେତେ ପ୍ରଚାର ଓ ଦଳ ଦଳ ମଧ୍ୟରେ ଆରୋପ ପ୍ରତ୍ୟାରୋପ । କିଛି ଦିନର ଅସୁସ୍ଥତା ପରେ କିଛି ଗୋଟେ ଲେଖିବାକୁ କଲମ ଧରିଲି ।

କଣ ଲେଖିବି ???

କିପରି ଲେଖିବି ???

କାହା ପାଇଁ ଲେଖିବି ???

ଭାବିଲି ନିଜେ ହସିବି ଆଉ ଅନ୍ୟକୁ ହସାଇବି । ପୌରାଣିକ ଓ ସାମାଜିକ ପୃଷ୍ଠ ଭୂମିକୁ ନେଇ ଏକ ନାଟକ ତିଆରି କରିବି ବୋଲି ସ୍ଥିର କଲି । ଚାଲିଲା ମାନସ ମନ୍ଥନ । କିଛି ପୂର୍ବର ଘଟଣାକୁ ମନେ ପକାଉ ପକାଉ ଚୋରା ନିଶା କାରବାର ବୃଦ୍ଧି ସମ୍ପର୍କରେ ଖବରକାଗଜରୁ ଆଖିରେ ପଡିଲା । ଆସିଲା ଚରିତ୍ର ବିଉଟି ।

ବିଉଟି ଏକ ମଧ୍ୟବିତ ପରିବାରର ବୋହୂ । ପରିବାର ସମସ୍ୟାକୁ ଦୂର କରିବା ପାଇଁ ନିଜେ ଭିଡିଛି ଅଂଟା । ଡ୍ରଗସ୍ କାରବାରର ରାଣୀ ମହୁମାଛି ସାଜିଛି। ନିଜର ଆର୍ଥିକ ଅବସ୍ଥା ଓ ପରିବାରର ସମସ୍ୟା ବିଉଟିକୁ କରିଛି ନିଷ୍ଠୁର ଚରିତ୍ର । ଶାଶୂ, ଶଶୁର, ନଣନ୍ଦ ଓ ସ୍ୱାମୀ କାହାକୁ ସେ ଖାତିର କରିନି । କଥା କଥା କେ ସେ ସେମାନଙ୍କ ଉପରକୁ ହାତ ଉଠାଏ । ଆଇନ କାନୁନ୍‌ର ଫାନ୍ଦ ଦେଇ ଶାଶୂଘର ଲୋକଙ୍କୁ ନାରୀ ନିର୍ଯ୍ୟାତନା ଓ ଶୋଷଣର ଧମକ ଦିଏ । ଡ୍ରଗସ୍ ଅଭ୍ୟାସରେ ପଡିଯାଇଥିବା ବିଉଟି ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସମୟରେ ଯମଦୂତମାନେ ବିଉଟିର ମୃତ୍ୟୁ ହୋଇଛି ଭାବି ଯମପୁରକୁ ନେଇଯାଆନ୍ତି । ଯମଙ୍କ ଦରବାରରେ ବିଉଟି ହୁଏ ହାଜର । ଯମ ଓ ଚିତ୍ରଗୁପ୍ତଙ୍କ ମଧ୍ୟରେ ମର୍ତ୍ତ୍ୟର ଅବସ୍ଥାକୁ ନେଇ ଆଲୋଚନା କରିବା ସମୟରେ ବିଉଟି ଦରବାରରେ ନିଜର ଅଭିବ୍ୟକ୍ତି ପ୍ରକାଶ କରେ । କେଉଁ କାରଣ ପାଇଁ ତାକୁ ଏଠାକୁ ଅଣାଗଲା ବୋଲି ପ୍ରଶ୍ନ କରି ଯମ ଓ ଚିତ୍ରଗୁପ୍ତଙ୍କୁ କରେ ଆକ୍ରମଣ । ଏହାର ସତ୍ୟାସତ୍ୟ ଜାଣିବା ପାଇଁ ଚିତ୍ରଗୁପ୍ତ ପାଂଜି ଦେଖିବା ବେଳକୁ ମୃତ୍ୟୁର ଅନେକବର୍ଷ ପୂର୍ବରୁ ଭୁଲରେ ତାକୁ ଯମପୁରକୁ ଅଣାଯାଇଛି ବୋଲି ସ୍ପଷ୍ଟ ହୁଏ । ତଥାପି ଯମ ବୁଝାଇବାକୁ ଚେଷ୍ଟା କରନ୍ତି ବିଉଟିକୁ । ସ୍ୱର୍ଗର ସୁଖ ପ୍ରାପ୍ତି ପାଇଁ ଅନୁରୋଧ କରନ୍ତି । କିନ୍ତୁ ବିଉଟି ନଛୋଡ

## ଦରବାର

ବନ୍ଧା । ମହାଦେବ ଓ ବିଷ୍ଣୁଙ୍କୁ ଏ ଭୁଲ ସମ୍ପର୍କରେ ଅବଗତ କରାଇଦେବା ପାଇଁ ବିଉଟି ଦିଏ ଧମକ । ପ୍ରବେଶ କରନ୍ତି ଯମପୁରରେ ଦେବର୍ଷି ନାରଦ । କିନ୍ତୁ ଉତ୍ୟକ୍ତ ବିଉଟି ନାରଦଙ୍କୁ କରେ ଅପମାନିତ । ସମସ୍ତେ ହୁଅନ୍ତି ସ୍ତବ୍ଧ କାରଣ ବିଉଟିର ଯୁକ୍ତି ଥିଲା ଅତ୍ୟନ୍ତ ଗମ୍ଭୀର ଓ ଯୁକ୍ତିଯୁକ୍ତ । ମର୍ତ୍ତ୍ୟରେ ଏକ ମଧ୍ୟବିତ ପରିବାର କିଭଳି ତ୍ରିଶଙ୍କୁ ଅବସ୍ଥାରେ ଗତିକରେ ତାର ଏକ ବାସ୍ତବ ଚିତ୍ର ବିଉଟି ଦିଏ । ପ୍ରତିଶ୍ରୁତି, ସହଯୋଗ,ଯୋଜନା, ସାହାଯ୍ୟ ସବୁ ସରକାର କେବଳ ଗରିବଙ୍କ ପାଇଁ କରିଛନ୍ତି । କିନ୍ତୁ ମଧ୍ୟବିତ ..... ।

ତା କଥା ସମସ୍ତେ ଭୁଲି ଯାଇଛନ୍ତି । ସେହି ଅସହାୟ ପରିବାର ଓ ନିଜେ ବଂଚିବା ପାଇଁ ସେ ନିଏ ଡ୍ରଗସ୍ କାରବାରର ସାହାରା । ସମସ୍ତେ ବୁଝନ୍ତି ବିଉଟିର ଯଥାଯଥ ଯୁକ୍ତି । ନିର୍ଦ୍ଦେଶ ଆସେ ବିଉଟିଙ୍କୁ ପୁନର୍ବାର ମର୍ତ୍ତ୍ୟକୁ ଫେରାଇ ନେବା ପାଇଁ। ପୁଣି ଜୀବନ ଜଞ୍ଜାଳ, ସୁଖ ଦୁଃଖ, ବାଦ ପ୍ରତିବାଦ, ଆଇନ୍‌ର ଲୁଚକାଳି ଖେଳର ଚକ୍ରବିହ୍ୱକୁ ଫେରିଯାଏ ବିଉଟି। ସେଦିନ ପାଇଁ ସ୍ଥଗିତ ହୁଏ "ଦରବାର"।

**ନାଟ୍ୟକାର**

**ଡାଃ ଧନେଶ୍ୱର ସାହୁ**

**ଏମ.ବି.ବି .ଏସ., ଏମ.ଏସ**

# (୧ମ ଦୃଶ୍ୟ)

(ଯମ ଦରବାର । ସମୟ ସକାଳ । ପ୍ରବେଶ କଲେ ଯମ ଓ ଚିତ୍ରଗୁପ୍ତ । ଯମ ହାତରେ ଗଦା ଓ କାଳପାଶ । ଚିତ୍ରଗୁପ୍ତ ହାତରେ ପାଂଜି)

ଯମ : ହାଃ.....ହାଃ ........ହାଃ ..... ପୁଣ୍ୟ ଘଡିଏକୁ ପାପ ଦି ଘଡି ବାନ୍ଧି ନେଇଯିବ ଯମ ଦଉଡି । ହାଃ....... ହାଃ .......ହାଃ... ଚିତ୍ରଗୁପ୍ତ ।

ଚିତ୍ରଗୁପ୍ତ : ଆଜ୍ଞା ମହାରାଜ ।

ଯମ : ମର୍ତ୍ତ୍ୟର ସମାଚାର କଣ ?

ଚିତ୍ରଗୁପ୍ତ : ମର୍ତ୍ତ୍ୟମଣ୍ଡଳରେ ମାନବମାନଙ୍କର ଆଉ ଧର୍ମଭାବ ନାହିଁ । ଦେବତାମାନଙ୍କ ପ୍ରତି ଭକ୍ତି ଭାବ ମଧ୍ୟ ନାହିଁ । ମନ୍ଦିର, ମସଜିଦ୍, ଗୀର୍ଜାରେ ଭୀଷଣ ଭିଡ ହେଉଛି ସତ କିନ୍ତୁ ମାନବର ହୃଦୟରେ ଠାକୁରଙ୍କ ପ୍ରତିଭକ୍ତିଭାବ ଓ ଶ୍ରଦ୍ଧା ନାହିଁ । ମାନବ ପାପ ପରେ ପାପ କରି ଚାଲିଛି ।

ଯମ : ସେଥିପାଇଁ ପାପୀମାନେ ଦିନକୁ ଦିନ ଏ ଯମ ଲୋକ ଭିଡ କରୁଛନ୍ତି । ସ୍ୱର୍ଗ ଲୋକକୁ କେହି ଯାଉନାହାଁନ୍ତି । ଏଠି ଆଉ ରହିବାକୁ ଜାଗା ନାହିଁ । କେତେ ଆଡଜଷ୍ଟ କରିବି ? ଦଣ୍ଡ ଦେବା ପାଇଁ ତ ଯମ ଦରବାରରେ ସମୟ ଦରକାର । କଣ କରିବି ? ଭାରି ବ୍ୟସ୍ତ ଲାଗୁଛି ?

ଚିତ୍ରଗୁପ୍ତ : ମହାରାଜ, ବ୍ୟସ୍ତ ହେଲେ କଣ ଚଳିବ ? ଯେତିକି ସମ୍ଭବ ସେତିକି ସିନା ଦରବାରରେ ବିଚାର କରିବେ । ମର୍ତ୍ତ୍ୟରେ ପାପ ଭାର ଏତେ ବଢିଗଲାଣି ଯେ ପୁଣ୍ୟ କରିବାକୁ ଲୋକମାନେ ଭୁଲି ଯାଉଛନ୍ତି । ସେଥିପାଇଁ ଏଠି ଫୁଲ ସ୍ୱର୍ଗ ଖାଲି । କେତେଜଣ ଖାଲି ପୁଣ୍ୟ କରୁଛନ୍ତି ଯେ ସ୍ୱର୍ଗକୁ ଯିବେ ?

ଯମ : ଚିତ୍ରଗୁପ୍ତ ।

ଚିତ୍ରଗୁପ୍ତ : ଆଜ୍ଞା ମହାରାଜ ।

ଯମ : ଏଥର ଯେତେ ଶୀଘ୍ର ସମ୍ଭବ ଦରବାରରେ ବିଚାର କରି ଦଣ୍ଡ ଦେବାକୁ ପଡିବ । ନହେଲେ ଏ ଯମ ଲୋକ ସମ୍ଭାଳି ହେବନି ।

## ଦରବାର

ଚିତ୍ରଗୁପ୍ତ : ଆଜ୍ଞା ମହାରାଜ, ଯାହା ତ ଆମର ଏଠି ଯାମ ଥିଲା, ଏବେ ଯେଉଁ ଫଣି ଓଡିଶାରେ ଫଣା ଟେକିଲା ସେ ବହୁ ଧନ ସମ୍ପତି ନଷ୍ଟ କଲା । କିଛି ଜୀବନ ବି ନେଲା । ତା ଛଡା ଭାରତରେ ନିର୍ବାଚନୀ ହିଂସାରେ ଓ ନିର୍ବାଚନ ପରବର୍ତି ହିଂସା ରେ କିଛି ମଲେ । ସେମାନେ ସବୁ ଏଠିକି ଆସିଲେ, କାରଣ ସେମାନେ ସବୁ ପାପୀ । ବାତ୍ୟା ଫଣିରେ କେତେ ସ୍ତ୍ରୀ ପୁରୁଷ କୁଆଡେ ହଜି ଯାଇଛନ୍ତି, ଉଡି ଯାଇଛନ୍ତି ତାର ପତା ମିଳୁନି ।

ଯମ : ପତା ନ ମିଳୁ ସେଥିରେ ଆମର ଯା ଆସ କେତେ ? ଓଡିଶା ସେ କଥା ବୁଝିବ । ଆମ ପାଖକୁ ଆସିଲେ ଆମେ ସେ କଥା ଭାବିବା । ଫଣିପାଇଁ ଓଡିଶାରେ ସ୍ପେସାଲ ବାତ୍ୟାଅଫର ଅଛି ।

ଚିତ୍ରଗୁପ୍ତ : କଣ ମହାରାଜ ।

ଯମ : ଯାହାର ସ୍ତ୍ରୀ ହଜି ଯାଇଥିବ କି ଉଡି ଯାଇଥିବ ମୋ ଫଣି ସ୍ତ୍ରୀ ଯୋଜନାରେ ସ୍ତ୍ରୀ ଯେଗାଇ ଦିଆଯିବ । ଯାହାର ସ୍ୱାମୀ ହଜି ଯାଇଥିବ କି ଉଡି ଯାଇଥିବ ମୋ ଫଣି ସ୍ୱାମୀ ଯୋଜନାରେ ସ୍ୱାମୀ ଯୋଗାଇ ଦିଆଯିବ । ଓଡ଼ିଶାରେ ଏମିତି କେତେ ମୋ ଯୋଜନା ଅଛି । ମୋ ବସ୍, ମୋ କୁଡ଼ିଆ, ମୋ ସାଇକେଲ୍, ମୋ କଲେଜ, ମୋ ପୋଖରୀ, ମୋ ମଦ, ମୋ ବୋତଲ ଇତ୍ୟାଦି-ଇତ୍ୟାଦି

ଚିତ୍ରଗୁପ୍ତ : ମହାରାଜ, ଆମର କୋଉ ଯୋଜନା କଥା ଚିନ୍ତା କରିବା ଦରକାର ନାହିଁ । ସବୁ ଫେଲମାରି ଆମ ପାଖକୁ ଆସିଲେ ଆମେ ଚିନ୍ତା କରିବା ।

ଯମ : ଠିକ କଥା । ଚିତ୍ରଗୁପ୍ତ ।

ଚିତ୍ରଗୁପ୍ତ : ଆଜ୍ଞା ମହାରାଜ ।

ଯମ : ଏବେ ମର୍ତ୍ୟଲୋକରେ ବିଉଟି ବୋଲି ଯେଉଁ ପାଉଡର ପାର୍ଟି ଝିଅ ମାନେ ବ୍ରାଉନସୁଗାର ପାର୍ଟି ଝିଅ ବ୍ରାଉନ ସୁଗାର ବ୍ୟବସାୟ କରି ବ୍ୟବହାର କରି ତା ପରିବାରରେ ଓ ପରିବାର ବାହାରେ ବହୁତ ଉପଦ୍ରବ କରୁଥିଲା ତା କଥା କଣ ହେଲା ?

ଚିତ୍ରଗୁପ୍ତ : ଆଜ୍ଞା ତାରି ପାଇଁ ତ ବଡ ଚିନ୍ତା । ଗୋଟାଏ ବଡ ଭୁଲ ହୋଇଯାଇଛି ।

ଯମ : ଭୁଲ ? ଏ ଯମ ଦରବାରରେ ପୁଣି ଭୁଲ ? ନାଁ ନାଁ ତା ହୋଇ ପାରେନା ।

ଚିତ୍ରଗୁପ୍ତ : ଆଜ୍ଞା ହୋଇଯାଇଛି । ସେ ବିଉଟି ବୋଲି ଝିଅଟା ତିରିଶ ବର୍ଷପରେ ଆସିବା କଥା କିନ୍ତୁ ଆମେ ଆଗୁଆ ନେଇ ଆସିଛେ ।

ଯମ : କଣ ? ଏତେ ବଡ ଭୁଲ ?

ଚିତ୍ରଗୁପ୍ତ : ଆଜ୍ଞା ମହାରାଜ । କିଛି ଗୋଟାଏ କରନ୍ତୁ । ନ ହେଲେ ମୋ ପିଲା ଛୁଆ ଭାସିଯିବେ ।

ଯମ : ଭୁଲ କରି ଷଣ୍ଢ ପୂରେଇବ ତୁମେ, କୀଳା ନେବି ମୁଁ ? ସେଇ ଟା ହବନାହିଁ। ଆଜିକାଲି ତୁମ ମୁଣ୍ଡ ଆଉ କାମ କରୁନି କି ଚିତ୍ରଗୁପ୍ତ ? ହଉ ହଉ ବ୍ୟସ୍ତ ହୁଅନା । କିଛି ଗୋଟାଏ କରିବା । ସେ ଆସିଯାଇଛନ୍ତି ।

ଚିତ୍ରଗୁପ୍ତ : ଆଜ୍ଞା ମହାରାଜ, ସେ ପାଉଡର ବ୍ୟବହାର କରି ଅଣଆୟତ ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସିତ ହେଉଥିଲେ । ଆମ ଦୂତମାନେ ଯାଇ ସେଠାରୁ ତାଙ୍କୁ ଉଠେଇ ଆଣିଛନ୍ତି । ଏଇ ଆସିଯିବ । (ପ୍ରବେଶ କଲେ ଆଧୁନିକ ସାଜସଜାରେ ସଜ୍ଜିତ ହୋଇ ବିଉଟି । ଏପଟ ସେପଟ ଦେଖୁଛି। ଯମ ଓ ଚିତ୍ରଗୁପ୍ତଙ୍କ ପରେ ନଜର ପଡିଛି) ଆସିଗଲେ ଆଜ୍ଞା।

ବିଉଟି : ମୁଁ ଜାଣିବାରେ ଭୁବନେଶ୍ୱରର ଏକ ପ୍ରାଇଭେଟ ହସପିଟାଲରେ ଥିଲି । ହଠାତ୍ ଏଠି ? (ଯମ ଓ ଚିତ୍ରଗୁପ୍ତଙ୍କୁ) ତୁମେ କୋଉ ଚିତ୍ରାଳୟର ଡ୍ରେସ ପିନ୍ଧି ଏଠି ନାଚ କରୁଛ ?

ଯମ : ପାପୀ, ମୁହଁରେ ଲଗାମ ଦେ । ଚିତ୍ରାଳୟ ଡ୍ରେସ ଆମେ ପିନ୍ଧିନୁ । ଏଇଟା ଯମଲୋକ ମାନେ ଯମଲୋକ । ମୁଁ ଯମ ମାନେ ଯମ ।

ଚିତ୍ରଗୁପ୍ତ : ମୁ ଚିତ୍ରଗୁପ୍ତ ।

ଯମ : ତୁମେ ଯମ ଲୋକରେ ଯମ ଦରବାରରେ ଛିଡା ହୋଇଛ ।

ଚିତ୍ରଗୁପ୍ତ : ତୁମର ଏ ଯମ ଦରବାରରେ ବିଚାର ହେବ ।

ବିଉଟି : ଏ, ତୁମେ ଯମ ହୁଅ କି ଚିତ୍ରଗୁପ୍ତ ହୁଅ ମୋର ସେଥିରେ କିଛି ଯାଏ ଆସେ ନାହିଁ । ମୁଁ ଏଇଠି ଏବେ ଶୁଣିଛି ତୁମେ ଭୁଲରେ ଆଗରୁ ମୋତେ ନେଇ ଆସିଛ । ଗୋଟିଏ ୟଙ୍ଗ୍ ଝିଅକୁ ତା ହସଖୁସି କରିବା ବୟସରେ ରୋଜଗାର କରି ଖରାପ ଅବସ୍ଥାରୁ ଭଲ ଅବସ୍ଥାକୁ ଆସିବା ସମୟରେ ଭୁଲରେ ଏଠିକୁ ଆଣି ଗୋଟାଏ ଧନ୍ଦା କରୁଛ ? ମୋତେ ଯେଉଁଠୁ ଆଣିଛ ସେଇଠି ନେଇ

ଛାଡ । ନ ହେଲେ ତୁମ ଚାକିରୀ ଖାଇଦେବି । ମୁଁ ଏଇନା ବିଷ୍ଣୁ ପାଖକୁ ଯିବି। ବିଷ୍ଣୁ ନ ଶୁଣିଲେ ଶିବ ପାଖକୁ ଯିବି । ସବୁ ଧ୍ୱଂସ କରିଦେବି । ଧ୍ୱଂସ।

ଯମ : (ମନକୁ ମନ) ଇଏ ତ ବଡ ଉଦଣ୍ଡୀ । ଟିକିଏ ପ୍ରେମ ଭାବରେ କହିଲେ ଭଲ ହେବ । (ତା ପରେ କହିଲେ) ସ୍ୱିଟ ହାର୍ଟ ରାଗୁଛ କାହିକି ?

ବିଉଟ : କଣ କହିଲ ଯୋଗିଣୀଖିଆ ? ମୁଁ ତୁମ ସ୍ୱିଟ ହାର୍ଟ ? ଅଭଦ୍ର । ଶିଷ୍ଟାଚାର ଜଣା ନାହିଁ ।

ଯମ : ଏମିତି ରାଗିଲେ କଣ ହେବ ଲୋ ନାନୀ ?

ବିଉଟି : କଣ କହିଲ ନାନୀ ? ବାଡିପଡା ଭାଷା ଶିଖିନ ? କାହାକୁ କେମିତି ବ୍ୟବହାର କରାଯାଏ ଜାଣିନ ? ମୁଁ ତୁମ ବୋପାର କୋଉ ଭଉଣୀ ? ଏଠି ଯମ ଲୋକରେ ଯମ ବୋଲି ଗର୍ବ କରୁଛ ? ଯମ ଦରବାର ମୋତେ ଦେଖାଉଛ ? ମୋତେ ଚିହ୍ନିଛ ?

ଯମ : ଦେଖ ମାଉସୀ, ଏତେ ରାଗନା । ରାଗିଲେ ସମାଧାନ ହେବନି ।

ବିଉଟି : କଣ କହିଲ ବାଡିପଡା, ମାଉସୀ ? ମୋର ବୟସ ମାତ୍ର ୨୫। ତୁମକୁ ମାଉସୀ ପରି ଦେଖାଯାଉଛି ? ମୁଁ ତୁମ ମାର କୋଉ ଭଉଣୀ ? ମୋତେ ଆଉ ବେଶି ରଗାନା । ଭୁଲରେ ଏଠିକି ଆଣିଛ । ଛାଡିଦିଅ । ନ ହେଲେ ମର୍ତ୍ତ୍ୟ ପରି ଏଠି ମୋର ଉଗ୍ରରୂପ ଦେଖିବ ।

ଯମ : ଚିତ୍ରଗୁପ୍ତ ।

ଚିତ୍ରଗୁପ୍ତ : ଆଜ୍ଞା ମହାରାଜ ।

ଯମ : କୀଳା ସମ୍ଭାଳ ।

ଚିତ୍ରଗୁପ୍ତ : ଶାନ୍ତ ହୁଅ ବିଉଟି, ମାନେ ସୁନ୍ଦରୀ ।

ବିଉଟି : Yes, I like this.

ଯମ : ଯାହା ହେଉ ତୁମ ମନ କଥା ଚିତ୍ରଗୁପ୍ତ ଠିକ୍ ବୁଝିପାରିଲେ । ଦେଖ ବିଉଟି, ଆସିଲଣି ତ ଏଇଠି ରହିଯା ।

ବିଉଟି : ଏଇଠି ?

ଯମ : ହଁ ।

ବିଉଟି : କାହିଁକି ?

ଯମ : ତୁମେ ମର୍ତ୍ତ୍ୟରେ ବହୁତ ପାପ କରିଛ । ଏ ଯମ ଦରବାରରେ ତାର ବିଚାର ହେବ ।

ବିଉଟି : ମୁଁ ପାପ କରିଛି ?

ଯମ : ହଁ । ଚିତ୍ରଗୁପ୍ତ ସବୁ ଗୋଟି ଗୋଟି କରି କହିବେ । ଚିତ୍ରଗୁପ୍ତ ।

ଚିତ୍ରଗୁପ୍ତ : ଆଜ୍ଞା ମହାରାଜ । କହୁଛି ।
(ଏହି ସମୟରେ ଭିତରୁ ନାରଦଙ୍କର ନାରାୟଣ ନାରାୟଣ ଶବ୍ଦ ଶୁଣାଗଲା)

ଯମ : ଚିତ୍ରଗୁପ୍ତ ଟିକେ ରହି ଯା ।

ଚିତ୍ରଗୁପ୍ତ : ମହାରାଜ ।

ଯମ : ବିଉଟି ତୁମେ ଟିକିଏ ଭିତରେ ୱେଟିଙ୍ଗ୍ ରୁମ୍‌ରେ ଅପେକ୍ଷା କର । ଦେବର୍ଷି ନାରଦ ଆସୁଛନ୍ତି । ମୁଁ ପରେ ଡାକିବି ।

ବିଉଟି : ଏଇ କଣ ତୁମ ଭଦ୍ରାମୀ ? ମୁଁ ଗୋଟିଏ ଝିଅ । ମୁଁ କାହିଁକି ତୁମ ୱେଟିଙ୍ଗ୍ ରୁମରେ ଅପେକ୍ଷା କରିବି ? ଏଠି କଣ ରୁମ ନାହିଁ । କହୁଛ ନାରଦ ଆସୁଛନ୍ତି। ଆସନ୍ତୁ ମୋର ସେଥିରେ ଯା ଆସ କେତେ ? ତା ଛଡା ନାରଦଙ୍କ ପାଇଁ ତୁମେମାନେ ଏତେ ବ୍ୟସ୍ତ କାହିଁକି ? ନାରଦ କୋଉ ଭଲ ଲୋକ କି ? ସେ ପରା ପକା ଜାଲିଆ । ଯେତେ ଜାଲିଆ ସେତେ ହାଲିଆ । ସେ ପୁଣିବଡ କଳିଆ । କଳି ନ ଲଗେଇଲେ ତାଙ୍କ ଭାତ ହଜମ ହୁଏନି ।

ଯମ : ତାଙ୍କୁ ସେମିତି କୁହନ୍ତି ? ସେ ହେଉଛନ୍ତି ମହାଜ୍ଞାନୀ, ବିଷ୍ଣୁଙ୍କ ପରମ ଭକ୍ତ, ତ୍ରିପୁର ଭ୍ରମଣକାରୀ, ଆଜୀବନ ବ୍ରହ୍ମଚାରୀ । ଅଭିଶାପ ଦେଇଦେଲେ ଅସୁବିଧା। ବିଉଟି, ଏଇନା ସବୁ ଘର ଫୁଲ । ବର୍ତ୍ତମାନ ପାଇଁ ଟିକେ ଆଡଜଷ୍ଟ କର । ପରେ ଠିକ୍ ହୋଇଯିବ ।

ବିଉଟି : ହଉ ହଉ ଠିକ ଅଛି । (ବିଉଟି ପ୍ରସ୍ଥାନ । ନାରାୟଣ ନାରାୟଣ କହି ପ୍ରବେଶ କଲେ ଦେବର୍ଷି ନାରଦ )

ଯମ/ଚିତ୍ରଗୁପ୍ତ : ପ୍ରଣାମ ଦେବର୍ଷି ନାରଦ ।

ନାରଦ : ପ୍ରଣାମ । ସବୁ କୁଶଳ ତ ?

ଯମ : ନାଁ ଦେବର୍ଷି । ସବୁ ଅସୁବିଧା । ମର୍ତ୍ତ୍ୟରେ ପାପଭାର ଏତେ ବଢିଗଲାଣି ଯେ ସବୁ ଲୋକ ଆସି ଏଠି ଗହଳି କରୁଛନ୍ତି । ବିଚାର କରିବାକୁ ସମୟ ପାଉନି। ଆପଣଙ୍କର ଆସିବାର ଅଭିପ୍ରାୟ ?

ନାରଦ : ନାରାୟଣ .... ନାରାୟଣ ..... ଏମିତି ଯାଉଥିଲି । ଭଲମନ୍ଦ ବୁଝିବାକୁ ଚାଲି ଆସିଲି ।

## ଦରବାର

ଯମ : ବିଷ୍ଣୁଙ୍କର ଖବର କଣ ?
ନାରଦ : ବିଷ୍ଣୁଦେବ ଭଲରେ ନାହାଁନ୍ତି । ସେ ଅସୁବିଧାରେ ପଡିଛନ୍ତି ।
ଯମ : ବିଷ୍ଣଦେବଙ୍କର ପୁଣି ଅସୁବିଧା ?
ନାରଦ : ନାରାୟଣ .... ନାରାୟଣ .... ହଁ ।
ଚିତ୍ରଗୁପ୍ତ : ବିଷ୍ଣଦେବଙ୍କର ଅସୁବିଧା ହେଲେ ଆଉ ସୃଷ୍ଟି ରହିବନି ।
ନାରଦ : ନାରାୟଣ ...ନାରାୟଣ ... ଠିକକଥା ।
ଯମ : ବିଷ୍ଣୁଦେବଙ୍କର କଣ କଣ ସବୁ ଅସୁବିଧା ?
ନାରଦ : ଆଉ କେହି ସ୍ୱର୍ଗଲୋକ ଯାଉନାହାଁନ୍ତି । ସ୍ୱର୍ଗ ଖାଲି । କିଛି କାମ ହୋଇପାରୁନି। ସବୁ ଅସୁବିଧା ।
ଚିତ୍ରଗୁପ୍ତ : ଯିବେ କେମିତି ? ପାପୀମାନେ ତ ସବୁ ଏଠି । ପୁଣ୍ୟକାମ କଲେ ସିନା ସ୍ୱର୍ଗ ଯିବେ ।
ନାରଦ : ଗ୍ଲୋବାଲ ଓ୍ୱାର୍ମିଙ୍ଗ ଯୋଗୁ କ୍ଷୀର ସାଗର ଦିନକୁ ଦିନ ଗରମ ହେବାରେ ଲାଗିଛି । ବାସୁକୀ ଆଉ ସ୍ଥିର ହୋଇ ରହିପାରୁନି । ବିଷ୍ଣୁଦେବ ଆଗ ପରି ଆଉ ଶାନ୍ତିରେ ଶୋଇପାରୁ ନାହାଁନ୍ତି । ଲକ୍ଷ୍ମୀ ବି ଏପଟ ସେପଟ ହେଉଛନ୍ତି। ସ୍ଥିର ହୋଇ ରହିପାରୁନାହାଁନ୍ତି । ବ୍ରହ୍ମଦେବ ବି ବ୍ୟସ୍ତ ହେଉଛନ୍ତି ।
ଯମ : ବ୍ରହ୍ମଦେବ ବ୍ୟସ୍ତ ହେଉଛନ୍ତି କାହିଁକି ?
ନାରଦ : ଗ୍ଲୋବାଲ ଓ୍ୱାର୍ମିଙ୍ଗ ଯୋଗୁ ସୃଷ୍ଟିକର୍ତା ବ୍ରହ୍ମା ଆଉ ସମ୍ଭାଳିପାରୁ ନାହାଁନ୍ତି । ଗରମକୁ ଦାଢି କାଟି ବୁଲୁଛନ୍ତି । ନାରାୟଣ ..... ନାରାୟଣ ....... ।
ଯମ : କେହି ତା ହେଲେ ଶାନ୍ତିରେ ନାହାଁନ୍ତି । ମୁଁ ବି ଶାନ୍ତିରେ ନାହିଁ ଦେବର୍ଷି ନାରଦ । ଏବେ ମର୍ତ୍ତ୍ୟରୁ ଆସିଥିବା ବିଉଟି ବୋଲି ଝିଅଟି ଏତେ ଉଦ୍ଧତ ଯେ ଏବେ ତା ହାତରୁ ମାଡ ଖାଇଥାନ୍ତି । ଆପଣ ଆସୁଥିବାରୁ ତାକୁ ଟିକେ ଭିତରକୁ ପଠେଇଛି ।
ନାରଦ : ନାରାୟଣ .... ନାରାୟଣ .... ମର୍ତ୍ତ୍ୟବାସୀ ଏତେ ଉଦ୍ଧତ ? ଏଠି ଆସି ଉତପାତ କରିବାକୁ ସାହସ କରୁଛନ୍ତି ? ଟିକେ ଭୟ ବି ଲାଗୁନି ।
ଚିତ୍ରଗୁପ୍ତ : ବ୍ରାଉନସୁଗାର ଭକ୍ତ । ଭୟ ଆସିବ କେଉଁଠୁ ? ପୁରା ଦିଲଦାର । (ଏହି ସମୟରେ ବିଉଟି ପ୍ରବେଶ । ସମସ୍ତଙ୍କ ବିଉଟି ଉପରେ ନଜର । ଯମ, ଚିତ୍ରଗୁପ୍ତ ବ୍ୟସ୍ତତା ପ୍ରକାଶ କରିଛନ୍ତି । ନାରଦ ଏକ ଲୟରେ ତାକୁ ଦେଖୁଛନ୍ତି)

ବିଉଟି : ନାଇଁ ନାଇଁ ମୁଁ ଏଠି ରହିପାରିବିନି । ବୋପାଲୋ ଏଠି କି ଗରମ । ଭିତରେ ଟିକିଏ ବୁଲୁଥିଲି । ଏଠି ସବୁ କଣ ହେଉଛି ? କାହାକୁ ତେଲ କଡେଇରେ ପକଉଛନ୍ତି । କାହା ଉପରେ ଗରମ ପାଣି ଢାଳୁଛନ୍ତି । କାହା ମୁଣ୍ଡ କାଟୁଛନ୍ତି । କାହାକୁ ପୋକ କୁଣ୍ଡରେ ପକାଉଛନ୍ତି । ମୁଁ ଏକୁ ଆଉ ଦେଖିପାରିଲିନି । ଚାଲି ଆସିଲି । ମୋର ଆଉ ଘର ଦରକାର ନାହିଁ । ମୋତେ ଛାଡ । (ନାରଦଙ୍କୁ ଦେଖି) ଓ ବାବୁ କେଉଁ ଚିତ୍ରାଳୟର ଡ୍ରେସ ପିନ୍ଧି ବୀଣା ଓ ରାମତାଳ ଧରି ଏଠି ନାଚ କରୁଛ ? ଏମିତି କଣ ମୋତେ ଅନେଇଛ ? ଆଖି ପଡୁନି।

ନାରଦ : ନାରାୟଣ .... ନାରାୟଣ .......

ଯମ : ବିଉଟି, ତୁମେ ସୀମା ଟପି ଯାଉଛ । (ନାରଦଙ୍କୁ ଦେଖାଇ) ଏ ହେଉଛନ୍ତି ଦେବର୍ଷି ନାରଦ । ଆଜୀବନ ବ୍ରହ୍ମଚାରୀ । ତାଙ୍କୁ ଏମିତି କୁହନ୍ତି ? ରାଗିଲେ କଣ ବୋଲେ କଣ କରିବେ ।

ଚିତ୍ରଗୁପ୍ତ : ସୀମା ଭିତରେ ରୁହ ।

ବିଉଟି : ସେ ନାରଦ ହୁଅନ୍ତୁ କି ଯିଏ ହୁଅନ୍ତୁ, ମୋର କିଛି ଯାଏ ଆସେ ନାହିଁ । ସିଏ ମୋର କିଛି କରିପାରିବେ ନାହିଁ । ମୋତେ ଭୁଲରେ ଆଣିଛ । ଯେତେ ଶୀଘ୍ର ସମ୍ଭବ ମର୍ତ୍ତ୍ୟରେ ଛାଡ ।

ନାରଦ : ନାରାୟଣ ... ନାରାୟଣ ... ଇଏ ଏମିତି କଣ କହୁଛନ୍ତି ?

ଚିତ୍ରଗୁପ୍ତ : ଇଆଡୁ ସିଆଡୁ କହିବା ତାଙ୍କର ଅଭ୍ୟାସ । ସିଏ ମର୍ତ୍ତ୍ୟରେ ବହୁତ ପାପ କରିଛନ୍ତି । ସେଥିପାଇଁ ଏଠିକୁ ନେଇ ଆସିଛୁ । ଏଠି ରହିବାକୁ ରାଜି ନୁହଁନ୍ତି ।

ଯମ : ରହିବାକୁ ପଡିବ ।

ନାରଦ : ନାରାୟଣ.....ନାରାୟଣ .......

ଚିତ୍ରଗୁପ୍ତ : ଏଠି କିଛି ଅସୁବିଧା ହେବନି । ସବୁ ସୁବିଧା କରିଦେବା । ବିଉଟି, ତୁମେ ପରା ବିଷ୍ଣୁଙ୍କ ପାଖକୁ ଯିବାକୁ କହୁଥିଲ ? ଇଏ (ନାରଦଙ୍କୁ ଦେଇ) ସ୍ୱୟଂ ବିଷ୍ଣୁଙ୍କ ପାଖଲୋକ । ତାଙ୍କୁ କଣ କହିବା କଥା କୁହ ।

ନାରଦ : ତୁମେ ଏଠି ନ ରହିଲେ ସ୍ୱର୍ଗକୁ ଚାଲ । ସେଠି ସବୁ ସୁବିଧା ।

ବିଉଟି : ମୋର ସ୍ୱର୍ଗ ଯିବାର ନାହିଁ କି କୋଉଠିକି ଯିବାର ନାହିଁ । ଏଠିକି ମୋତେ ଭୁଲରେ ଆଣିଛନ୍ତି । ମୋତେ ମୋ ଜାଗାରେ ନ ଛାଡିଲେ ମର୍ତ୍ତ୍ୟ ପରି ଉପଦ୍ରବ କରିବି ।

## ଦରବାର

ନାରଦ : ନାରାୟଣ ...... ନାରାୟଣ ...... ମର୍ତ୍ତ୍ୟରେ କଣ ସବୁ ପାପ କରିଛନ୍ତି ସିଏ ?

ଯମ : ବହୁତ ପାପ କରିଛନ୍ତି ।

ବିଉଟି : ମୁଁ କିଛି ପାପ କରିନି । ମୋ ନାଆଁରେ ସବୁ ମିଛ କହୁଛ ।

ଯମ : ତୁମେ ପାପ କରିଛ । ଏ ଯମ ଆଖିରୁ ଖସି ଯାଇପାରିବନି । ସବୁ ଲିପିବଦ୍ଧ ହୋଇଛି । ଚିତ୍ରଗୁପ୍ତ ସବୁ ଗୋଟି ଗୋଟି କହିବେ । ଶୁଣିଲା ପରେ ଜାଣି ପାରିବ ।

ବିଉଟି : ଠିକ ଅଛି କୁହନ୍ତୁ ।

ଯମ : ଚିତ୍ରଗୁପ୍ତ ।

ଚିତ୍ରଗୁପ୍ତ : ଆଜ୍ଞା ମହାରାଜ କହୁଛି । (ପାଂଜି ଦେଖି)
ବିଉଟି, ତୁମେ ତୁମ ସ୍ୱାମୀଙ୍କୁ ବହୁତ ନିର୍ଯ୍ୟାତନା ଦେଇଛ ।

ବିଉଟି : ହଁ ଦେଇଛି । ସେ ସବୁବେଳେ ତାଙ୍କ ଆୟତରେ ମୋତେ ରଖିବାକୁ ଚେଷ୍ଟା କରିଛନ୍ତି । କିନ୍ତୁ ପାରି ନାହାଁନ୍ତି । କଥା କଟାକଟି ହୋଇଛି । ମୋ ଉପରକୁ ହାତ ଉଠେଇଛନ୍ତି । ମୁଁ ବି ହାତ ଉଠେଇଛି ଛାଡିନି । ମହିଳା କମିଶନ ଦେଖେଇଛି । ଯୌତୁକ ନିର୍ଯ୍ୟାତନା କେଶ୍ କରିବାକୁ କହିଛି । ଆମେ ମଧ୍ୟବିତ ପରିବାର । ପରିବାର ବୋଲେ ବୃଦ୍ଧ ପିତାମାତା, ଅବିବାହିତ ନଣନ୍ଦ ଓ ମୁଁ । ମୋ ସ୍ୱାମୀ ଯାହା ରୋଜଗାର କରନ୍ତି ପରିବାର ଚଳିବାକୁ ଅଣ୍ଟେଂନି ।

ଯମ : ସବୁ ଜାଣି ପରିବାରରେ ଅଶାନ୍ତି କରିବାର ଉଦ୍ଦେଶ୍ୟ କଣ ?

ବିଉଟି : ମୁଁ ଅନ୍ୟ ଝିଅମାନଙ୍କ ପରି ଜଣେ ଝିଅ । ମୋର ବୟସ ଅଛି । ମୋର ମନ ଅଛି । ବାହାରେ ହସଖୁସିରେ ବୁଲିବାର ଇଛା ଅଛି । ବାହାରେ ଘର କରି ସ୍ୱାଧୀନ ଭାବରେ ରହିବାର ଆଗ୍ରହ ଅଛି । ହେଲେ କିଛି କରିପାରେନି । ସବୁବେଳେ ମନ ଆନ୍ଦୋଳିତ ହୁଏ ।

ଯମ : ଝିଅ ତୁମର ଇ- ପ୍ରେମରୁ ପ୍ରେମ ଫିକ୍ସିଂ ହୋଇଥିଲା ନା ଅନ୍ୟ ପ୍ରକାରେ ମୁଁ ତ କିଛି ବୁଝିପାରୁନି । ଆଜିକାଲି ତ ସବୁ ଫିକ୍ସିଂ ହେଉଛି ।

ବିଉଟି : ତୁମର କିଛି ବୁଝିବା ଦରକାର ନାହିଁ । ସେଇଟା ମୋ ପରସନାଲ କଥା ।

ନାରଦ : ନାରାୟଣ .... ନାରାୟଣ ..... ସଂଜତ ହୁଅ ଝିଅ ।

ବିଉଟି : କାହିଁକି ? ତୁମେ କହିବାକୁ କିଏ ?

ନାରଦ : ନାରାୟଣ .... ନାରାୟଣ .....

ଯମ : ବିଉଟି, ବାରମ୍ବାର ସୀମା ଟପିବାକୁ ଚେଷ୍ଟା କରନି । ସେ ଆମ ଅତିଥି । ତାଙ୍କୁ ସମ୍ମାନର ସହ କଥା କୁହ । ଚିତ୍ରଗୁପ୍ତ ।

ଚିତ୍ରଗୁପ୍ତ : ଆଜ୍ଞା ମହାରାଜ ।

ଯମ : ସେ ଆଉ କଣ କଣ ପାପ କରିଛନ୍ତି କୁହ ।

ଚିତ୍ରଗୁପ୍ତ : କହୁଛି ମହାରାଜ । ବିଉଟି, ତୁମେ ତୁମ ନଣନ୍ଦକୁ ନିର୍ଯ୍ୟାତନାଦେଇଛ ।

ବିଉଟି : ହଁ ଦେଇଛି । ସେ ଆଜି ପର୍ଯ୍ୟନ୍ତ ବାହା ହୋଇ ପାରି ନାହାଁନ୍ତି । ଘରେ ବସି ରାଜୁତି କରୁଛନ୍ତି । ଆଜିକାଲି ବହୁତ ନଣନ୍ଦ ଅର୍ଧ ଶିକ୍ଷିତ ହୋଇ ଭାଉଜଙ୍କୁ ନିର୍ଯ୍ୟାତନା ଦେଉଛନ୍ତି । ସେ ଯେତେ ନିର୍ଯ୍ୟାତନା ଦେବାକୁ ଚାହିଁଲେ ମୁଁ ପ୍ରତିବାଦ କରିଛି । ସେ ଯାହା ଚାହାଁନ୍ତି ମୁଁ ତା କରାଇ ଦିଏନି । ଯେସାକୁ ତେସା ନୀତି ଧରିଛି । ସେ ହାତ ଉଠେଇଲେ ମୁଁ ବି ହାତ ଉଠେଇବାକୁ ପଛେଇନି । ଶେଷରେ ଯୌତୁକ ନିର୍ଯ୍ୟାତନା କେଶରେ ପକେଇବାକୁ ବି ଧମକ ଦେଇଛି ।

ନାରଦ : ନାରାୟଣ ... ନାରାୟଣ .... ଏ ଝିଅ ଏତେ ଭୟଙ୍କର ?

ବିଉଟି : ଇଏ କିଛି ନୁହେଁ ।

ଚିତ୍ରଗୁପ୍ତ : ତୁମେ ତୁମ ଶାଶୂ ଶଶୁରଙ୍କୁ ବି ନିର୍ଯ୍ୟାତନା ଦେଇଛ ।

ବିଉଟି : ହଁ ଦେଇଛି । ତାଙ୍କ ନିୟମ କାନୁନକୁ ମୁଁ ମାନିନି । ତାଙ୍କ ଟିପଧୂଆ ପାଣି ପିଇନି । ସେମାନେ ସବୁବେଳେ ତାଙ୍କ କଣ୍ଟ୍ରୋଲରେ ମୋତେ ରଖିବାକୁ ଚାହିଁଛନ୍ତି କିନ୍ତୁ ପାରିନାହାଁନ୍ତି । ମୋତେ କିରୋସିନି ପକେଇ ପୋଡିଦେବେ ବୋଲି କହିଛନ୍ତି । ମୁଁ ସେଥିପ୍ରତି ଭୃକ୍ଷେପ କରିନି । ତାଙ୍କୁ ଟକର ଦେଇଛି । ମୋତେ ମାରିବାକୁ ହାତ ଉଠେଇଛନ୍ତି । ମୁଁ ବି ହାତ ଉଠେଇଛି । ଅମୋଘ ଅସ୍ତ୍ର ଯୌତୁକ ନିର୍ଯ୍ୟାତନା କେଶ ଦେବାକୁ ଧମକ ଦେଇଛି । ଏବେ ସବୁ ସାବାଡ । ମୋ ଇଙ୍ଗିତରେ ଉଠବସ ।

ନାରଦ : ନାରାୟଣ ... ନାରାୟଣ ... ମର୍ତ୍ତ୍ୟରେ ଏ ଝିଅ ନାରୀ ସମାଜ ପାଇଁ କଳଙ୍କ ।

ବିଉଟି : ତୁମେ କୋଉ ଭଲଲୋକ କି ? ତୁମର ଅଖା ନାହିଁ କି ବିଡି ନାହିଁ ବଡ ବଡ କଥା କହୁଛ କଣ ?

ଯମ : (ରାଗି) ବିଉଟି ବାରମ୍ବାର ମହର୍ଷି ନାରଦଙ୍କୁ ଅପମାନ ଦେଇ ମସ୍ତବଡ ଭୁଲ କରୁଛ । ପରିଣାମ ଭୋଗ କରିବ । ସେ ଆଉ କଣ ପାପ କରିଛି ଶୁଣନ୍ତୁ ମହର୍ଷି । ଚିତ୍ରଗୁପ୍ତ ।

ଚିତ୍ରଗୁପ୍ତ : କହୁଛି ମହାରାଜ । ବିଉଟି, ତୁମେ ଜଣେ ସ୍ତ୍ରୀ ଲୋକ ହୋଇ ଅବକାରୀ ନେଉଛ । ବ୍ୟବସାୟ ବି କରୁଛ ।

ବିଉଟି : ହଁ ଅବକାରୀ ନେଉଛି । ବ୍ୟବସାୟ ବି କରୁଛି । ଆମେ ନେଲେ କୀଳା । ତୁମେ ନେଲେ ଲୀଳା । ଏଠି ଆଉ ସ୍ୱର୍ଗଲୋକରେ କଣ ନ ହେଉଛି । ସୋମରସ ପିଇ ମାତାଲ ହୋଇ ବୁଲୁଛନ୍ତି । ସେଇଟା ଆଖିକୁ କିଛି ଦେଖାଯାଉନି । ମୁଁ ପାଉଡର ମାନେ ବ୍ରାଉନସୁଗାରବ୍ୟବସାୟ କରୁଛି । ବ୍ୟବସାୟ କରୁ କରୁ ବ୍ୟବହାର ବି କରିଛି । ଝିଅ ମାନଙ୍କୁ ହାତ କରି ହଷ୍ଟେଲ, ହୋଟେଲ, ଦୋକାନ ଆଦି ବିଭିନ୍ନ ଯାଗାରେ ସପ୍ଲାଇ କରୁଛି । ବହୁତ ରୋଜଗାର କରୁଛି । ଆଶା ସୁଖରେ ରହିବୁ ।

ନାରଦ : ନାରାୟଣ .... ନାରାୟଣ ..... ତୁମେ ଜଣେ ବିବାହିତ ସ୍ତ୍ରୀ ଲୋକ ହୋଇ ଏମିତି ଅବାଟରେ ଯାଉଚ କାହିଁକି ?

ବିଉଟି : ଆଉ କଣ କରିଥାନ୍ତି ? ଅନ୍ୟ ବାଟ କିଛି ନ ପାଇ ପରିବାର ଭଲ ପାଇଁ ପରିସ୍ଥିତିରେ ପଡି ସବୁ କରିଛି । କାରଣ ଆମେ ମଧ୍ୟବିତ ପରିବାର । ଆମେ ଏକଟଙ୍କିଆ ଚାଉଳ ପାଉନୁ , ମାଗଣାରେ ଗହମ, ଗ୍ୟାସ୍, ପକାଘର, ବିଜୁଳି, ସାଇକେଲ, ଲାବଟପ୍, ଏଲ.ଇ.ଡି ବଲବ, ନାପକିନ, କମଳ, ଛତା, ଯୋତା ପାଉନୁ । କାଳିଆ ଯୋଜନାରେ କିଛି ବି ପାଉନୁ। ମାଗଣା ଚିକିତ୍ସା ବି ପାଉନୁ । ବୁଢାବୁଢୀ ଭତା ବି ପାଉନାହାଁନ୍ତି । ସରକାର ପୁରୁଣା ହେଉ କି ନୂଆ ହେଉ ଆମ ଜୀବନ ଶୈଳୀରେ କିଛି ପରିବର୍ତ୍ତନ ହେବନି ।

ଯମ : ତା ହେଲେ ତ ବହୁତ ଦୁଃଖଦାୟକ ।

ନାରଦ : ନାରାୟଣ .... ନାରାୟଣ .... ମର୍ତ୍ୟରେ ଏ ଅବସ୍ଥା ସବୁ ସୁଧୁରିବ କେବେ ?

ବିଉଟି : କେବେ ସୁଧୁରିବନି । କାରଣ ଏଠି ସମସ୍ତେ ସ୍ୱାର୍ଥପର । ଯୋରଯାର ମୂଳକ ତାର । ଏଠି ବଂଚିବା ପାଇଁ ସଂଗ୍ରାମ ଦରକାର । ସବୁ ଜାଣିଲା ପରେ ମୋ କଥା ଟିକେ ଶୁଣନ୍ତୁ । ତୁମେ ମୋତେ ଭୁଲରେ ଆଣିଛ । ଯେଉଁଠୁ ଆଣିଛ ସେଇଠି ଛାଡିଦିଅ । ନ ହେଲେ ମୋ ବିଶ୍ୱରୂପ ଦେଖିବ ।

ଯମ : ନାଇଁ ନାଇଁ ଆଉ ବିଶ୍ୱରୂପ ଦେଖାଇବାକୁ ପଡିବନି । ଚିତ୍ରଗୁପ୍ତ ।

ଚିତ୍ରଗୁପ୍ତ : ଆଜ୍ଞା ମହାରାଜ ।

ଯମ : ଏ ଯମ ଦରବାରରୁ ଏ ଉଦଣ୍ଡୀକୁ ଛାଡିବାର ବନ୍ଦୋବସ୍ତ କର । ସମୟ ହେଲେ ନେଇ ଆସିବା । ଗରମ ତେଲ କଡେଇରେ ପକେଇବା ।

ବିଉଟି : (ଯମଙ୍କୁ) କଣ କହିଲ ?

ଯମ : ନାଇଁ ନାଇଁ କିଛି ନାହିଁ । ଚିତ୍ରଗୁପ୍ତ ।

ଚିତ୍ରଗୁପ୍ତ : ଆଜ୍ଞା ମହାରାଜ । ଏଇ ସାଙ୍ଗେ ସାଙ୍ଗେ ବନ୍ଦୋବସ୍ତ କରୁଛି । (ଫୋନ କରି) ହ୍ୟାଲୋ, ଶୀଘ୍ର ବିଉଟିକୁ ନେଇ ଯେଉଁଠୁ ଆଣିଛ ସେଇଠି ଛାଡିବ । ଏବେ ପଠଉଛି ।

ଯମ : ଯା ଲୋ ମା ରଣଚଣ୍ଡୀ ଏଥର । ସୁଧୁରିବାକୁ ଚେଷ୍ଟାକର । ମର୍ତ୍ତ୍ୟରେ ଆମରି ସତ୍ୟର କରିବ ପ୍ରଚାର ।

ବିଉଟି : ବହୁତ ବହୁତ ଧନ୍ୟବାଦ । ମୁଁ ଚାଲିଯିବି ମୋ ମର୍ତ୍ତ୍ୟଲୋକ । ମୋ ମର୍ତ୍ତ୍ୟଲୋକ ଭଲ । ମୁଁ ପୁଣି ବ୍ୟସ୍ତ ରହିବି ମୋ ଜୀବନ ଜଞ୍ଜାଳରେ । ଦୈନିକ ସଂଘର୍ଷରେ। ପରିବାର ପୋଷଣରେ । ପରିବର୍ତ୍ତିତ ଢଙ୍ଗରେ । କାରଣ ମୁଁ ମଧ୍ୟବିତ । Bye (ପ୍ରସ୍ଥାନ)

ନାରଦ : ନାରାୟଣ .... ନାରାୟଣ ....

ଯମ : ଚିତ୍ରଗୁପ୍ତ ।

ଚିତ୍ରଗୁପ୍ତ : ଆଜ୍ଞା ମହାରାଜ ।

ଯମ : ମୁଣ୍ଡଯାମ । ଦରବାର ଆଜି ପାଇଁ ବନ୍ଦ ।

ଚିତ୍ରଗୁପ୍ତ : ଆଜ୍ଞା ମହାରାଜ । ଅନ୍ୟ କେଶ୍ ପରେ ଏବେଠୁ ଆଉ ଭୁଲ ହେବନି ।

ନାରଦ : ନାରାୟଣ ..... ନାରାୟଣ .......

## ସମାପ୍ତ

# Title Song

ଏତ ଯମ ଦରବାର ଏତ ଯମ ଦରବାର,
ଚଳେନାହିଁ ଏଠି ଟଙ୍କା କାରବାର,
ନାହିଁ ଏଠି ରାଜନୀତି ନାହିଁ ଏଠି ପ୍ରିୟାପ୍ରୀତି,
ନାହିଁରେ ନାହିଁରେ ଏଠି ନେତାଙ୍କ ପାୱାର ।
ଯମ ଦରବାର - ଏତ ଯମ ଦରବାର - ଯମ ଦରବାର (ଘୋଷା)
କେହି ପାରିବେନି ଖସି ନେତା ହେଉ ଚପରାସି,
ଭଣ୍ଡବାବା ପାଇବେ ନିଶ୍ଚୟ ଫାଶୀ,
ଦୋଷୀଙ୍କର ଥାଏ ଦୋଷ ନାହିଁ ଏଠି ରାଗରୋଷ,
ଧରମ ନିକିତି ଏଠି କରଇ ବିଚାର ।
ଯମ ଦରବାର - ଏତ ଯମ ଦରବାର - ଯମ ଦରବାର (ଘୋଷା)